# NATIONAL NEWS BULLETIN (ODIA)

## 4 June - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ଦେଶରେ ପରବର୍ତ୍ତୀ ସରକାର ଗଢ଼ିବା ଦିଗରେ ଅଗ୍ରସର ।

- ଓଡ଼ିଶାରେ ୨୧ଟି ଲୋକସଭା ଆସନରୁ ୧୯ଟିରେ ବିଜେପି ଆଗେଇଥିବା ବେଳେ ୧୪୭ଟି ବିଧାନସଭା ଆସନରୁ ୮୦ଟିରେ ଆଗୁଆ ରହିଛି ।

- ଆନ୍ଧ୍ରପ୍ରଦେଶରେ ଟିଡିପି ବହୁମତ ଆଡ଼କୁ ଅଗ୍ରସର ହେଉଛି ।

ଏବଂ

- ଭୋଟ୍‌ଗଣତି ଫଳାଫଳକୁ ନେଇ ଷ୍ଟକ ବଜାରରେ ଅସ୍ଥିରତା ।

# ନିର୍ବାଚନ ଫଳାଫଳ

ଦେଶରେ ଅଷ୍ଟାଦଶ ଲୋକସଭା ନିର୍ବାଚନରେ ଏନ୍.ଡି.ଏ. ବହୁମତ ସହ ପୁଣିଥରେ ସରକାର ଗଠନ କରିବାକୁ ଅଗ୍ରସର ହେଉଛି । ମତଗଣନା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏନ୍.ଡି.ଏ. ବର୍ତ୍ତମାନ ସୁଦ୍ଧା ୨୯୧ଟି ଆସନରେ ଆଗରେ ରହିଛି । କେବଳ ବିଜେପି ୨୪୦ଟି ଆସନରେ ଆଗରେ ରହିଛି । ସେହିଭଳି ଇଣ୍ଡି ମେଣ୍ଟ ୨୩୩ଟି ଆସନରେ ଆଗରେ ଥିବା ବେଳେ କଂଗ୍ରେସ ୯୯ଟି ଆସନରେ ଆଗରେ ରହିଛି ।

ଭାରତୀୟ ଜନତା ପାର୍ଟି ୬୯ଟି ଆସନରେ ଜିତିସାରିଥିବା ବେଳେ ୧୭୧ଟିରେ ଆଗୁଆ ରହିଛି । ଏହାପଛକୁ କଂଗ୍ରେସ ପାର୍ଟି ୩୨ଟି ଆସନ ଜିତିସାରିଥିବାବେଳେ ୬୬ଟି ଆସନରେ ଆଗରେ ରହିଛି, ସମାଜବାଦୀ ପାର୍ଟି ଗୋଟିଏ ଆସନରେ ଜିତିସାରିଥିବା ବେଳେ ୩୬ଟି ଆସନରେ ଆଗୁଆ ଅଛି, ତୃଣମୂଳ କଂଗ୍ରେସ ଦଳ ୨ଟି ଜିତିଥିବା ବେଳେ ୨୮ରେ ଆଗୁଆ ରହିଛି, ଡିଏମ୍‌କେ ୨୨ଟି ଆସନରେ ଆଗରେ ରହିଛି, ତେଲୁଗୁଦେଶମ ପାର୍ଟି ଗୋଟିଏ ଆସନରେ ଜିତିଥିବାବେଳେ ୧୫ଟି ଆସନରେ ଆଗରେ ରହିଛି, ଜନତା ଦଳ ୟୁନାଇଟେଡ୍ ୧୨ଟି ଆସନରେ ଆଗୁଆ ରହିଛି, ଉଦ୍ଧବ ଠାକରେଙ୍କ ଶିବସେନା ଦଳ ଗୋଟିଏ ଆସନ ଜିତିସାରିଥିବା ବେଳେ ୯ଟିରେ ଆଗୁଆ ରହିଛି ।

ଉତ୍ତରପ୍ରଦେଶରେ ମୋଟ୍ ୮୦ଟି ଆସନ ମଧ୍ୟରୁ ବିଜେପି ୫ଟି ଜିତିସାରିଥିବାବେଳେ ୨୮ଟିରେ ଆଗୁଆ ରହିଛି, ସମାଜବାଦୀ ପାର୍ଟି ଗୋଟିଏ ଜିତିସାରିଥିବାବେଳେ ୩୬ଟିରେ ଆଗୁଆ ଅଛି, କଂଗ୍ରେସ ଦଳ ଗୋଟିଏ ଜିତିସାରିଥିବାବେଳେ ୫ଟିରେ ଆଗୁଆ ରହିଛି ଓ ଅନ୍ୟାନ୍ୟ ଦଳ ଗୋଟିଏ ଆସନ ଜିତିସାରିଥିବା ବେଳେ ୩ଟିରେ ଆଗରେ ରହିଛନ୍ତି ।

ମହାରାଷ୍ଟ୍ରରେ ମୋଟ୍ ୪୮ଟି ଆସନ ମଧ୍ୟରୁ ବିଜେପି ୧୧ଟି ଆସନରେ ଆଗରେ ରହିଛି । ସେହିପରି କଂଗ୍ରେସ ଗୋଟିଏ ଆସରେ ଜିତିସାରିଥିବା ବେଳେ ୧୧ଟି ଆସନରେ ଆଗରେ ରହିଛି । ଉଦ୍ଧବ ଠାକ୍ରେଙ୍କ ଶିବସେନା ଦଳ ଗୋଟିଏ ଆସନରେ ବିଜୟ ହାସଲ କରିଥିବାବେଳେ ୮ଟି ଆସନରେ ଆଗରେ ରହିଛି, ଶରତ ପାଓ୍ୱାରଙ୍କ ଏନ୍‌ସିପି ଦଳ ୭ଟି ଆସନରେ ଆଗୁଆ ଅଛି । ବିଜେପି ନେତା ନୀତିନ ଗଡକରୀ, ପୀୟୁଷ ଗୋଏଲ ନିଜନିଜ ଆସନରେ ବିପୁଳ ଭୋଟ୍‌ରେ ଆଗରେ ଅଛନ୍ତି ।

ପଶ୍ଚିମବଙ୍ଗରେ ମୋଟ୍ ୪୨ଟି ଆସନ ମଧ୍ୟରୁ ତୃଣମୂଳ କଂଗ୍ରେସ ୨ଟି ଆସନରେ ଜିତିସାରିଥିବାବେଳେ ୨୭ଟି ଆସନରେ ଆଗରେ ରହିଛି, ବିଜେପି ୧୨ଟିରେ ଓ କଂଗ୍ରେସ ଗୋଟିଏ ଆସନରେ ଆଗରେ ଅଛି ।

ମଧ୍ୟପ୍ରଦେଶରେତ ମୋଟ୍ ୨୯ଟି ଆସନ ମଧ୍ୟରୁ ବିଜେପି ୧୩ଟିରେ ଜିତିସାରିଥିବା ବେଳେ ୧୬ଟିରେ ଆଗୁଆ ରହିଛି ।

ଗୁଜୁରାଟରେ ୨୬ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୧୮ଟିରେ ଜିତିସାରିଥିବ ବେଳେ ୭ଟିରେ ଆଗରେ ରହିଛି । କଂଗ୍ରେସ ଗୋଟିଏ ଆସନରେ ଆଗରେ ରହିଛି ।

ଆନ୍ଧ୍ରପ୍ରଦେଶରେ ସମସ୍ତ ୨୫ଟି ଲୋକସଭା ଆସନ ମଧ୍ୟରୁ ଗୋଟିଏ ଆସନରେ ତେଲୁଗୁମ୍ ଦେଶମ୍ ପାର୍ଟି ଜିତିଥିବାବେଳେ ୧୫ଟିରେ ତେଲୁଗୁ ଦେଶମ ପାର୍ଟି ଆଗୁଆ ରହିଛି । ସେହହିଭଳି ବିଜେପି ୨ଟିରେ ଜିତିସାରିଥିବା ବେଳେ ଗୋଟିଏରେ ଆଗୁଆ ରହିଛି । ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ୪ଟି ଆସନରେ ଏବଂ ଜେ.ଏମ୍.ପି. ୨ଟି ଆସନରେ ଆଗୁଆ ରହିଛି ।

ତେଲେଙ୍ଗାନାର ୧୭ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୩ଟି ଆସନରେ ଜିତିସାରିଥିବା ବେଳେ ୫ଟିରେ ଆଗରେ ଅଛି । ସେହିଭଳି କଂଗ୍ରେସ ଗୋଟିଏ ଆସନ ଜିତିସାରିଥିବା ବେଳେ ୭ଟିରେ ଆଗୁଆ ଅଛି । ଏଆଇଏମ୍‌ଆଇଏମ୍ ଦଳ ଗୋଟିଏ ଆସନରେ ଆଗୁଆ ରହିଛି ।

କର୍ଣ୍ଣାଟକର ୨୮ଟି ଆସନ ମଧ୍ୟରୁ ବିଜେପି ୧୫ଟି ଓ ଜେଡିଏସ୍ ୨ଟି ଆସନରେ ଜିତିସାରିଥିବା ବେଳେ କଂଗ୍ରେସ୍ ୮ଟି ଆସନ ଜିତିସାରିଛି ଓ ଗୋଟିଏ ଆସନରେ ଆଗରେ ଅଛି ।

ରାଜସ୍ଥାନର ୨୫ଟି ଆସନ ମଧ୍ୟରୁ ବିଜେପି ୧୨ଟିରେ ଜିତିସାରିଥିବା ବେଳେ ୨ଟିରେ ଆଗରେ ରହିଛି । କଂଗ୍ରେସ ଦଳ ୭ଟିରେ ଜିତିସାରିଥିବା ବେଳେ ଗୋଟିଏରେ ଆଗରେ ରହିଛି । ଅନ୍ୟାନ୍ୟ ଦଳ ତିନୋଟି ଆସନ ଜିତିସାରିଛନ୍ତି ।

ବିହାରର ୪୦ଟି ଆସନ ମଧ୍ୟରୁ ବିଜେପି ୩ଟି ଆସନରେ ଜିତିସାରିଥିବା ବେଳେ ୯ଟିରେ ଆଗରେ ରହିଛି, ୟୁନାଇଟେଡ୍ ଜନତା ଦଳ ୧୨ଟିରେ, ଲୋକ ଜନଶକ୍ତି ପାର୍ଟି ୫ଟିରେ, ରାଷ୍ଟ୍ରୀୟ ଜନତା ଦଳ ୪ଟିରେ, ଜାତୀୟ କଂଗ୍ରେସ ୩ଟିରେ, କମ୍ୟୁନିଷ୍ଟ ପାର୍ଟି ୨ଟିରେ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଆଗରେ ଅଛନ୍ତି ।

ତାମିଲନାଡୁରେ ୩୯ଟି ଆସନ ମଧ୍ୟରୁ ଡିଏମ୍‌କେ ୨୨ଟି, କଂଗ୍ରେସ ଦଳ ୯ଟି ଓ ଅନ୍ୟାନ୍ୟ ଦଳ ୮ଟି ଆସନରେ ଆଗରେ ଅଛନ୍ତି ।

ପଞ୍ଜାବରେ ୧୩ଟି ଆସନ ମଧ୍ୟରୁ କଂଗ୍ରେସ ୫ଟି ଆସନରେ ଜିତିସାରିଥିବା ବେଳେ ୨ଟିରେ ଆଗରେ ରହିଛି । ଆମ୍ ଆଦମୀ ପାର୍ଟି ଗୋଟିଏ ଆସନ ଜିତିସାରିଥିବାବେଳେ ୨ଟିରେ ଆଗରେ ଅଛି । ଶିରୋମଣି ଅକାଳୀ ଦଳ ଜଣେ ପ୍ରାର୍ଥୀ ଓ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ଆଗରେ ଅଛନ୍ତି ।

କେରଳରେ ୨୦ଟି ଆସନ ମଧ୍ୟରୁ ଜାତୀୟ କଂଗ୍ରେସ ୯ଟି ଆସନରେ ଜିତିସାରିଥିବା ବେଳେ ୫ଟିରେ ଆଗରେ ରହିଛି ।

ସିପିଆଇଏମ୍, ଭାରତୀୟ ଜନତା ପାର୍ଟି, ଆର୍ଏସ୍ପି, କେରଳ କଂଗ୍ରେସ ଦଳ ଗୋଟିଏ ଲେଖାଏଁ ଆସନରେ ଆଗରେ ରହିଛନ୍ତି । ଆଇୟୁଏମ୍ଏଲ୍ ଦଳ ଦୁଇଟି ଆସନରେ ଆଗରେ ରହିଛି ।

ଆସାମରେ ମୋଟ୍ ୧୪ଟି ଆସନ ମଧ୍ୟରୁ ବିଜେପି ୯ଟିରେ, କଂଗ୍ରେସ ଦଳ ତିନୋଟିରେ ଓ ଅନ୍ୟାନ୍ୟ ଦଳ ୨ଟି ଆସନରେ ଆଗୁଆ ରହିଛନ୍ତି ।

ଝାଡ଼ଖଣ୍ଡରେ ମୋଟ୍ ୧୪ଟି ଆସନ ମଧ୍ୟରୁ ବିଜେପି ୮ଟି ଆସନରେ, କଂଗ୍ରେସ ୨ଟି ଆସନରେ, ଜେଏମ୍ଏମ୍ ୩ଟି ଆସନରେ ଓ ଏଜେଏସ୍ୟୁପି ଗୋଟିଏ ଆସନରେ ଆଗରେ ରହିଛନ୍ତି ।

ହରିୟାଣାରେ ମୋଟ୍ ୧୦ଟି ଆସନରୁ କଂଗ୍ରେସ ଗୋଟିଏ ଆସନ ଜିତିସାରିଥିବା ବେଳେ ୪ଟିରେ ଆଗୁଆ ଅଛି । ବିଜେପି ୫ଟି ଆସନରେ ଆଗୁଆ ଅଛି ।

ଛତିଶଗଡରେ ୧୧ଟି ଆସନ ମଧ୍ୟରୁ ୧୦ଟିରେ ବିଜେପି ଓ ଗୋଟିଏ ଆସନରେ କଂଗ୍ରେସ ଦଳ ଆଗରେ ରହିଛି ।

ଦିଲ୍ଲୀରେ ସମସ୍ତ ୭ଟି ଯାକ ଆସନରେ ବିଜେପି ଆଗରେ ରହିଛି ।

ଉତ୍ତରାଖଣ୍ଡରେ ମୋଟ୍ ୫ଟି ଆସନରୁ ଗୋଟିଏ ଆସନ ବିଜେପି ଜିତିସାରିଥିବା ବେଳେ ଆଉ ୪ଟି ଆସନରେ ଆଗୁଆ ଅଛି ।

ହିମାଚଳ ପ୍ରଦେଶରେ ମୋଟ୍ ୪ଟି ଆସନ ମଧ୍ୟରୁ ବିଜେପି ୩ଟି ଆସନରେ ଜିତିସାରିଥିବା ବେଳେ ଗୋଟିଏ ଆସନରେ ଆଗରେ ରହିଛି ।

ତ୍ରିପୁରାରେ ମୋଟ୍ ୨ଟି ଆସନରୁ ବିଜେପି ଜିତି ନେଇଛି ।

ମଣିପୁରରେ ଥିବା ୨ଟି ଆସନରେ କଂଗ୍ରେସ ଆଗରେ ରହିଛି ।

ପୁଡୁଚେରୀର ଏକମାତ୍ର ଲୋକସଭା ଆସନରେ କଂଗ୍ରେସ ଆଗରେ ରହିଛି ।

ଜିତିସାରିଥିବା ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ବାରାଣାସୀ ଆସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗାନ୍ଧିନଗରରୁ ଅମିତ ଶାହା, ମିରଟରୁ ଅରୁଣ ଗୋବିଲ, ସମ୍ବଲପୁରରୁ ଧର୍ମେନ୍ଦ୍ର ପ୍ରଧାନ, କଟକରୁ ଭର୍ତ୍ତୃହରି ମହତାବ, ମୁମ୍ବାଇରୁ ପୀୟୂଷ ଗୋୟଲ, ୱାୟାନାଡ୍‌ରୁ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି, ଉତ୍ତରପ୍ରଦେଶର କନୌଜ୍‌ରୁ ଅଖିଳେଶ ଯାଦବ ଅଛନ୍ତି ।

## ଲୋକସଭା ଭୋଟ ଗଣତି

ଓଡ଼ିଶାର ୨୧ଟି ଲୋକସଭା ଆସନ ମଧ୍ୟରୁ ୧୯ଟି ଆସନରେ ବିଜେପି ପ୍ରାର୍ଥୀମାନେ ଆଗୁଆ ଅଛନ୍ତି ।

ସମ୍ବଲପୁର ଆସନରୁ ବିଜେପିର ଧର୍ମେନ୍ଦ୍ର ପ୍ରଧାନ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଣବ ପ୍ରକାଶ ଦାସଙ୍କଠାରୁ ଆଗୁଆ ରହିଛନ୍ତି । ସୁନ୍ଦରଗଡ଼ ଲୋକସଭା ଆସନରୁ ବିଜେପିର ଜୁଏଲ୍ ଓରାମ ୧ ଲକ୍ଷ ୩୦ ହଜାରରୁ

ଅଧିକ ଭୋଟ୍‌ରେ ବିଜୟୀ ହୋଇଛନ୍ତି । ସେହିଭଳି ବରଗଡ଼ ଲୋକସଭା ଆସନରୁ ପ୍ରଦୀପ ପୁରୋହିତ ୨ ଲକ୍ଷ ୩୨ ହଜାରରୁ ଅଧିକ ଭୋଟ୍‌ରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀଙ୍କଠାରୁ ବିଜୟୀ ହୋଇଛନ୍ତି । କେନ୍ଦ୍ରାପଡାରେ ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା  ଆଗୁଆ ଅଛନ୍ତି । ସେହିଭଳି ବାଲେଶ୍ୱରରୁ ପ୍ରତାପ ଷଡଙ୍ଗୀ ଆଗୁଆ ଅଛନ୍ତି । ଭୁବନେଶ୍ୱର ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ପୁରୀରେ ସମ୍ବିତ୍ ପାତ୍ର ଆଗୁଆ ରହିଛନ୍ତି । ମୟୂରଭଞ୍ଜରୁ ନବ ଚରଣ ମାଝୀ, କଳାହାଣ୍ଡିରୁ ମାଳବିକା ଦେବୀ ଆଗୁଆ ଅଛନ୍ତି । ସେହିଭଳି କଂଗ୍ରେସର ସପ୍ତଗିରି ଉଲ୍ଲାକା କୋରାପୁଟ ସଂସଦୀୟ କ୍ଷେତ୍ରରୁ ପ୍ରାୟ ୫୮ ହଜାରରୁ ଅଧିକ ଭୋଟ୍‌ରେ ଆଗୁଆ ଥିବା ଜଣାପଡିଛି ।

## ନିର୍ବାଚନ ଫଳାଫଳ

ବିଧାନସଭା ନିର୍ବାଚନ ଫଳାଫଳକୁ ଦେଖିଲେ ଓଡ଼ିଶାରେ ବିଜେପି ସରକାର ଗଠନ କରିବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି । ବିଜେପି ଏପର୍ଯ୍ୟନ୍ତ ୮୦ଟି ସିଟ୍‌ରେ ଆଗୁଆ ରହିଥିବାବେଳେ ବିଜେଡି ୪୯ଟି ଆସନରେ ଆଗୁଆ ରହିଛି । ସେହିଭଳି କଂଗ୍ରେସ ୧୪ଟି ସିଟ୍‌ରେ ଆଗୁଆ ରହିଛି ।

ବିଜେଡିର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଆସନରୁ ଆଗୁଆ ରହିଥିବାବେଳେ କଣ୍ଟାବାଞ୍ଜିରୁ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ଲକ୍ଷ୍ମଣ ବାଗ୍‌ଙ୍କ ଠାରୁ ପରାସ୍ତ ହୋଇଛନ୍ତି ।

## ଆନ୍ଧ୍ର-ବିଧାନସଭା

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ୧୭୫ଟି ବିଧାନସଭାର ଆସନ ମଧ୍ୟରୁ ତେଲୁଗୁଦେଶମ ପାର୍ଟି ୭୧ଟି ଆସନରେ ବିଜୟ ଲାଭ କରିଛି । ଅନ୍ୟ ୬୪ଟି ଆସନରେ ଆଗୁଆ  ଅଛି । ସେହିଭଳି ଜନସେବା ପାର୍ଟି ୧୩ଟି ଆସନରେ ବିଜୟ ଲାଭ କରିଥିବା ବେଳେ ୮ଟି ଆସନରେ ଆଗୁଆ ଅଛି । ବିଜେପି ୫ଟି ଆସନ ଜିତିଥିବା ବେଳେ ୩ଟି ଆସନରେ ଆଗୁଆ ଅଛି । ୱାଇଏସ୍ଆର୍ କଂଗ୍ରେସ ୩ଟି ଆସନରେ ବିଜୟଲାଭ କରିଥିବା ବେଳେ ୮ଟି ଆସନରେ ଆଗୁଆ ରହିଛି ।

## ସେନସେକ୍ସ

ଭୋଟ୍ଗଣତି ଫଳାଫଳ ମିଳିବା ପରେ ଷ୍ଟକ ବଜାର ୪ହଜାରରୁ ଅଧିକ ପଏଣ୍ଟ ତଳକୁ ଖସିଛି । ଏକ୍‌ଜିଟ୍ ପୋଲ ପ୍ରକାଶ ପାଇବା ପରେ ଗତକାଲି ଷ୍ଟକ ବଜାରରେ ୨ହଜାର ୫ଶହ ପଏଣ୍ଟ ଅଭିବୃଦ୍ଧି ଘଟିଥିଲା । ତେବେ ଆଜି ସକାଳେ ଭୋଟ୍ଗଣତି ଫଳାଫଳକୁ ନେଇ ଷ୍ଟକ ବଜାରରେ ଅସ୍ଥିରତା ଦେଖାଦେଇଛି । ଗତକାଲି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୭୬ହଜାର ୪୬୮ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ଆଜି ୫ହଜାରରୁ ଅଧିକ ପଏଣ୍ଟ ହ୍ରାସ ପାଇଥିଲା । ଆଜି ଷ୍ଟକ ବଜାର ୪ହଜାର ୩୮୯ପଏଣ୍ଟରେ

ବନ୍ଦ ହୋଇଛି । କୋଭିଡ ମହାମାରୀ ପରେ ଗୋଟିଏ ଦିନରେ ଷ୍ଟକ ବଜାରରେ ଏହା ସର୍ବାଧିକ ହ୍ରାସ ବୋଲି ଜଣାପଡିଛି ।